# ନ ସୋ ରମଣ, ନ ହମ୍ ରମଣୀ

**ପୁଷ୍ପାଞ୍ଜଳି ପାଇକରାୟ**

ପଞ୍ଚଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୁରୀ ଶ୍ରୀକ୍ଷେତ୍ରରୁ ନବୋତ୍ପନ୍ନ ନବ-ବୈଷ୍ଣବ ଧର୍ମର ପ୍ରେମ ଲହରୀ କ୍ରମେ ନଦିୟାସ୍ଥ ନବଦ୍ୱୀପ, ଉତ୍ତରରେ ବୃନ୍ଦାବନ ଓ ସମଗ୍ର ଦକ୍ଷିଣ ଭାରତକୁ ତରଙ୍ଗାୟିତ କରି ବସ୍ତୁତଃ ଭାରତୀୟ ଆଧ୍ୟାତ୍ମିକ ଆନ୍ଦୋଳନରେ ଏକ ନୂତନ ଜାଗରଣ ସୃଷ୍ଟି କରିପାରିଥିଲା । ଓଡ଼ିଶୀ-ବୈଷ୍ଣବ ଧର୍ମର ଏହି ନୂତନ ପ୍ରେମ ଭକ୍ତି ମାର୍ଗ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଜୟଦେବଙ୍କ ଦ୍ୱାରା ଲିଖିତ ଗୀତଗୋବିନ୍ଦକୁ ଅନୁସରଣ କରି ପରମ ବୈଷ୍ଣବ ରାୟ ରାମାନନ୍ଦ ପଟ୍ଟନାୟକ ପ୍ରଥମ କରି ଶ୍ରୀଚୈତନ୍ୟଙ୍କୁ ଶୁଣାଇଥିଲେ । ପରବର୍ତ୍ତୀ ସମୟରେ ଏହି ପ୍ରେମ- ଭକ୍ତି ସାଧନା ଭାରତୀୟମାନଙ୍କ ଅବକ୍ଷୟିଷ୍ଣୁ ତାମସିକ ଚେତନାରେ ଏକ ଅପୂର୍ବ ସଂସ୍କାର ଆଣି ନୂତନ ଧାର୍ମିକ ଚେତନାର ଊର୍ଦ୍ଧ୍ୱକୁ ନେଇଯାଇଥିଲା ।

ବହୁ ତତ୍ତ୍ୱବିତ୍ ଓ ଧର୍ମପ୍ରଚାରକଙ୍କ ପରି କୃଷ୍ଣ ପ୍ରାଣଗତ, ତତ୍ତ୍ୱଦର୍ଶୀ, ପ୍ରାଜ୍ଞ ଶ୍ରୀଚୈତନ୍ୟ ଏମିତି ଏକ ଐତିହାସିକ ଘଟଣାକ୍ରମରେ ନଦିୟା ଛାଡି ପୁରୀ ଚାଲିଆସିଥିଲେ । ରତ୍ନବେଦୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ସମୟରେ କୃଷ୍ଣଙ୍କ ସ୍ୱରୂପ ଆଖିଆଗରେ ଝଲସି ଉଠିଥିଲା ଓ ଚୈତନ୍ୟ ମୂର୍ଚ୍ଛା ଯାଇଥିଲେ । ସେହି ସମୟରେ ସେଠାରେ ଉପସ୍ଥିତ ଥିବା ଗଜପତି ମହାରାଜା ପ୍ରତାପରୁଦ୍ରଙ୍କ ରାଜସଭାର ପଣ୍ଡିତ ବାସୁଦେବ ସାର୍ବଭୌମ ଏପରି ଜଣେ ସ୍ୱଳ୍ପ ବୟସ୍କ, ସୌମ୍ୟକାନ୍ତ ସାଧୁଙ୍କ ଭକ୍ତିଭାବ ଲକ୍ଷ୍ୟ କରି ନିଜ ଘରକୁ ନେଇଆସିଥିଲେ । ସାର୍ବଭୌମଙ୍କ ଘରେ ସ୍ୱଳ୍ପକାଳ ରହଣୀ ସମୟରେ ଦର୍ଶନତତ୍ତ୍ୱ ସମ୍ପର୍କରେ ଦୁହିଁଙ୍କ ମଧ୍ୟରେ କଥୋପକଥନ ଛଳରେ ଯୁକ୍ତିତର୍କ ହୁଏ । ପଣ୍ଡିତ ସାର୍ବଭୌମ ଥିଲେ ଶଙ୍କରାଚାର୍ଯ୍ୟ ପନ୍ଥୀ ଅଦ୍ୱୈତବାଦୀ । ତେଣୁ ଚୈତନ୍ୟଙ୍କ ଦ୍ୱୈତବାଦ ତତ୍ତ୍ୱକୁ ସେ ଗ୍ରହଣ କରିପାରୁନଥିଲେ । ଦିନେ ଜୀବାତ୍ମାର ପରମାତ୍ମାଙ୍କ ସହ କିପରି ସମ୍ପର୍କ ସ୍ଥାପନ କରାଯାଇପାରିବ, ଏ ସମ୍ପର୍କରେ ବିଶ୍ଳେଷଣ କରୁ କରୁ ଚୈତନ୍ୟ ପଚାରିଥିଲେ, ''ଯଜ୍ଞ, ସ୍ୱାଧ୍ୟାୟ, ବେଦାନ୍ତ, ଉପନିଷଦ ଆଦି କଠିନ ଧର୍ମ ସାଧନ ବ୍ୟତିରକେ ଅନ୍ୟ କେଉଁ ମାର୍ଗରେ ଈଶ୍ୱରଙ୍କ ସହ ସମ୍ପର୍କ ସ୍ଥାପନ କରାଯାଇପାରେ ? ମଣିଷର ଈଶ୍ୱରଙ୍କ ପ୍ରତି ପ୍ରେମ, ଈଶ୍ୱର ପ୍ରାପ୍ତି କରିବାରେ ସହାୟକ ହୁଏ କି ? ଯଦି ସହାୟକ ହୁଏ, ତେବେ ସେ ଦିବ୍ୟାନୁଭୂତି କ'ଣ ଓ ଏହାର ପ୍ରାପ୍ତି କିପରି ସମ୍ଭବ ?

ଏକେଶ୍ୱରବାଦରେ ବିଶ୍ୱାସ ରଖୁଥିବା ପଣ୍ଡିତ ସାର୍ବଭୌମ ବାସୁଦେବ ସମ୍ଭ୍ରମତାର ସହ କହିଥିଲେ, ''ଆପଣ ଯେଉଁ ରହସ୍ୟମୟ ଉପଲବ୍ଧି କଥା କହୁଛନ୍ତି, ସେଥିରେ ମୋର ଏତେ ଜ୍ଞାନ ନାହିଁ । ପରନ୍ତୁ ଦକ୍ଷିଣରେ ରାଜମହେନ୍ଦ୍ରୀଠାରେ ରାୟ ରାମାନନ୍ଦ ଗଜପତିଙ୍କ ମୁଖ୍ୟ ପ୍ରଶାସକ ଭାବରେ ଅବସ୍ଥାପିତ ହୋଇଛନ୍ତି । ସେଥିରେ ତାଙ୍କର ଯଥେଷ୍ଟ ପ୍ରବେଶ ଅଛି । ଆପଣ ତାଙ୍କ ସହ ଦେଖା କରିପାରନ୍ତି । ଅବଶ୍ୟ ସୁଫଳ ମିଳିବ ।

ଜୀବ ଓ ପରମଙ୍କର ଅଲୌକିକ ସମ୍ବନ୍ଧ, ମାୟିକ ସଂସାରରୁ ଜୀବାତ୍ମାର ମୁକ୍ତି ଓ ପରମାତ୍ମାଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ, ଏପରି ଗହନ ରହସ୍ୟକୁ ଜାଣିବା ପାଇଁ ଅନିସନ୍ଧିତ୍ସୁ ପରମଯୋଗୀ ଚୈତନ୍ୟ ଦାକ୍ଷିଣାତ୍ୟ ଯାତ୍ରା କଲେ । ଦିନେ ପ୍ରତ୍ୟୁଷରେ ଗୋଦାବରୀ ନଦୀରେ ସ୍ନାନ କରି ରାମାନନ୍ଦ ଫେରୁଥିବା ସମୟରେ ଚୈତନ୍ୟ ନଦୀତଟରେ ତାଙ୍କୁ ଭେଟିଲେ । କଥୋପକଥନ ଦ୍ୱାରା ଉଭୟେ ଯେ ପରମକାରୁଣିକ ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣ ପ୍ରାଣଗତ, ଏହା ଉପଲବ୍ଧି କରିବାପରେ ଚୈତନ୍ୟ ପଚାରିଲେ, ''ହେ କୃଷ୍ଣପ୍ରାଣଗତ ରାୟ, ଦିବ୍ୟପ୍ରେମର ରହସ୍ୟ ବୁଝିବା ପାଇଁ ମୁଁ ପୁରୀରୁ ଏଠାକୁ ଧାଇଁ ଆସିଛି । ମୋତେ କୁହନ୍ତୁ, ମନୁଷ୍ୟ କେଉଁ ପ୍ରକାର ସାଧନା କଲେ କୃଷ୍ଣ ପ୍ରାପ୍ତି ହେବ ।''

ବୈଷ୍ଣବ ଧର୍ମରେ ପ୍ରେମଭକ୍ତିର ପାଞ୍ଚଗୋଟି ସାଧନା ଯଥା- ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ବା ରାଗ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଆୟତ୍ତ କରିଥିବା ରାୟରାମାନନ୍ଦ କହିଲେ,

''ଶାନ୍ତ ମାର୍ଗରେ ସାଧନା କରୁ କରୁ ସାଧକର ମନ ଶାନ୍ତ ରସରେ ସମାହିତ ହେବ ଓ ସେ ଶ୍ରୀକୃଷ୍ଣଙ୍କୁ ପାଇପାରିବ ।

ସାଧୁ ଚୈତନ୍ୟ ଇନ୍ଦ୍ରିୟ ନିୟନ୍ତ୍ରଣ ରୂପକ ଶାନ୍ତ ମାର୍ଗ ସାଧନରେ ସିଦ୍ଧ ଥିଲେ । ତେଣୁ ସେ ଉତ୍ତରରେ କହିଲେ, ଏହା ଏକ ବାହ୍ୟ ସାଧନା । ଆଗକୁ କେଉଁ ସାଧନ ମାର୍ଗ ଅଛି ?

ରାମାନନ୍ଦ କହିଲେ, ଶାନ୍ତର ଗୁଣଗୁଡିକ ଦାସ୍ୟପ୍ରେମରେ ଏକାକାର କରି ସାଧକ ଦେହ, ମନ ଓ ପ୍ରାଣକୁ ଏକାଗ୍ର କରି ହନୁମାନଙ୍କ ପରି ଦାସ ଭାବରେ କୃଷ୍ଣଙ୍କ ସେବାରେ ନିୟୋଜିତ କଲେ ତେବେ ଯାଇ କୃଷ୍ଣ ପ୍ରାପ୍ତି ହେବ।

ସାଧକ ଚୈତନ୍ୟ ଦାସମାର୍ଗରେ ମଧ୍ୟ ସିଦ୍ଧ ଥିଲେ। ତେଣୁ ସେ ପଚାରିଲେ, '' ଏହାପରେ କ'ଣ ଅଛି'',

ରାମାନନ୍ଦ କହିଲେ,– ''ଶାନ୍ତ ଓ ଦାସ ଗୁଣର ସମାହାରକୁ ସାଧନ ମାର୍ଗରେ ଅର୍ଜୁନଙ୍କ ପରିସଖ୍ୟପ୍ରେମରେ ରୂପାନ୍ତରିତ କରନ୍ତୁ। ସହଜରେ କୃଷ୍ଣ ପ୍ରାପ୍ତି ହେବ।''

ଚୈତନ୍ୟ ଉତ୍ତରରେ କହିଲେ, ''ଏହା ମଧ୍ୟ ବାହ୍ୟପ୍ରେମ। ଏ ସାଧନାମାର୍ଗ ଜୀବକୁ ଉନ୍ମୁଖ କରାଇବାରେ କଦାଚିତ୍ ସହାୟକ ହେବନାହିଁ।''

ରାମାନନ୍ଦ କ୍ଷଣିକ ନୀରବିଯାଇ କହିଲେ, ''ବାତ୍ସଲ୍ୟପ୍ରେମ ମାର୍ଗରେ ସାଧନା କରନ୍ତୁ, ଅବଶ୍ୟ ପ୍ରାପ୍ତି ହେବେ।''

ଶୈଶବରୁ ଯାହାଙ୍କର ପ୍ରାଣର ପ୍ରତିଟି ସ୍ପନ୍ଦନରେ କୃଷ୍ଣ ନାମ ଉଚ୍ଚାରିତ ହେଉଥିଲା, ସେହି ଯୋଗୀ ଶ୍ରୀଚୈତନ୍ୟ ତତ୍‌କ୍ଷଣାତ୍ ଉତ୍ତର ଦେଲେ, ''ଏହା ଏକ ଉତ୍ତରମାର୍ଗ। କିନ୍ତୁ ଏହା କ'ଣ ଅନ୍ତିମ ମାର୍ଗ ? ଏହାପରେ କ'ଣ ଅଛି କୁହନ୍ତୁ।''

ରାମାନନ୍ଦ କହିଲେ, ''ନିଜକୁ ନାରୀ ମନେ କରି ଗୋପୀ ଭାବରେ ଶ୍ରୀକୃଷ୍ଣଙ୍କୁ ପ୍ରେମ କର। ପୂର୍ଣ୍ଣ ଭାବରେ ପ୍ରାପ୍ତି ହେବ।''

ଚୈତନ୍ୟ ଉତ୍ତରରେ କହିଲେ, ଏ ତ ଅତି ଉତ୍ତମ ମାର୍ଗ, କିନ୍ତୁ ଏହାପରେ ଅନ୍ୟକିଛି ମାର୍ଗ ଅଛି କି ?

ଚୈତନ୍ୟଙ୍କ ମୁଖରୁ ଏହାଶୁଣି ରାମାନନ୍ଦ ବୁଝିପାରିଲେ ଯେ ଚୈତନ୍ୟ ଭାବାନୁସାରୀ ଭକ୍ତିମାର୍ଗର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛନ୍ତି। ତଥାପି ଏହାଙ୍କର କୃଷ୍ଣପ୍ରାପ୍ତି ବୋଧରେ ତୃପ୍ତି ଆସିନାହିଁ। ଭାବ ବିହ୍ୱଳ ରାୟ ରାମାନନ୍ଦ ଚୈତନ୍ୟଙ୍କୁ କହିଲେ, ''ଆହ୍ଲାଦିନୀର ସାର ପ୍ରେମ, ପ୍ରେମ ସାର ଭାବ''।

ରାମାନନ୍ଦ କହିଚାଲିଲେ, ହେ ଭକ୍ତ ପ୍ରବର, ଗୋପୀମାନଙ୍କର ସାଧନା ସବୁଠାରୁ ଉତ୍କୃଷ୍ଟ । ଏଥିରେ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗର ସମ୍ମିଶ୍ରଣ ଦେଖିବାକୁ ମିଳେ। ଅବଶ୍ୟ ତା'ର ଉନ୍ନୀତମାର୍ଗ ରାଧାଭାବ । ଯେହେତୁ ରାଧା ହେଉଛନ୍ତି ଗୋପୀଶ୍ରେଷ୍ଠା ଓ ସେ ହେଉଛନ୍ତି ଶ୍ରୀକୃଷ୍ଣଙ୍କ ଆହ୍ଲାଦିନୀ ଶକ୍ତି ସ୍ୱରୂପା। ରାଧାଭାବ ନେଇ ସାଧନା କଲେ ଅବଶ୍ୟ କୃଷ୍ଣଙ୍କ ସହ ଏକାତ୍ମ ହୋଇପାରିବ।

ଏକଥା ଶୁଣି ଶ୍ରୀଚୈତନ୍ୟ ଉଲ୍ଲସିତ ହୋଇପଡ଼ିଲେ। ନିଜର ଉତ୍କଣ୍ଠାକୁ ଆଉ ଚପାଇ ନପାରି କହିଲେ, ''ରାୟ, ଏ ରାଧା ଭାବ ପୁଣି କ'ଣ ? ମୋତେ ବୁଝାଇ କୁହ।''

ରାୟ ରାମାନନ୍ଦ ଏଥର କୌଣସି ବକ୍ତବ୍ୟ ରଖି ପାରିଲେ ନାହିଁ । ବୃନ୍ଦାବନର ବ୍ରଜବୋଲିରେ ନିଜ ଦ୍ୱାରା ଏକ କବିତା ଆବୃତ୍ତି କଲେ,

'' ନ ସୋ ରମଣ, ନ ହମ୍ ରମଣୀ
ଦୁହୁ ମନ ମନୋଭାବ ପେଶାଲ ଜାନି
ସଖି ହେ, ଏ ସବ୍ ପ୍ରେମ୍ କାହାନୀ,''

ଯାହାର ଭାବାର୍ଥ ହେଲା, ଶ୍ରୀରାଧା ତାଙ୍କର ପ୍ରିୟସଖୀ ଲଳିତାଙ୍କୁ କହୁଛନ୍ତି, ଗୋ ଲଳିତା, ମୋର ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଯେଉଁ ପ୍ରେମ ସମ୍ପର୍କ ଅଛି, ତାହା ପାର୍ଥିବ ନୁହେଁ। ଆମ ପ୍ରେମ ଅବ୍ୟକ୍ତ, ଅନନ୍ତ। ଭିନ୍ନ ଶରୀର ଏକ ଆତ୍ମା। ପ୍ରତ୍ୟାଶା ଶୂନ୍ୟ ଏହି ନିଷ୍କାମ ପ୍ରେମକୁ ସ୍ୱର୍ଗର ଦେବତାମାନେ ମଧ୍ୟ ଆସ୍ୱାଦନ କରିପାରି ନାହାନ୍ତି। ହିଂସା ରହିତ ଏହି ପ୍ରେମରେ ଅନନ୍ତ ସୌନ୍ଦର୍ଯ୍ୟ, ଅନନ୍ତ ମାଧୁର୍ଯ୍ୟ, ଅନନ୍ତ ଶକ୍ତି ଓ ଅନନ୍ତ ରସ ପରିପୂର୍ଣ୍ଣ। ଏଥିରେ ନାରୀପୁରୁଷର ଭେଦ ଭାବ ନାହିଁ ।

ହେ ଲଳିତା, ପ୍ରତି ମୁହୂର୍ତ୍ତରେ ଆମେ ପରସ୍ପରକୁ ପାଉଛୁ, ପୁଣି ହରାଉଛୁ। ଶ୍ରୀକୃଷ୍ଣଙ୍କ ପ୍ରତି ମୋ ଅନ୍ତରାତ୍ମାରୁ ଯେଉଁ ମହାଭାବ ସୃଷ୍ଟି ହେଉଛି, ଏହାଦ୍ୱାରା ଆମେ ପରସ୍ପର ପ୍ରତି ଏକ ନୈସର୍ଗିକ ବନ୍ଧନରେ ଆବଦ୍ଧ ହୋଇଯାଉଛୁ।

ଏପରି ମାର୍ମିକ ବକ୍ତବ୍ୟମାନ ଶୁଣି ଶ୍ରୀଚୈତନ୍ୟଙ୍କଠାରେ ଏକ ଅଲୌକିକ ଚେତନା ଉଦ୍ରେକ ହେଲା। ସେ ରାୟ ରାମାନନ୍ଦଙ୍କୁ କୁଣ୍ଢାଇ ପକାଇ କହିଥିଲେ, ''ସବ୍ ଶିଖାଲେ ମୋରେ ରାୟ ରାମାନନ୍ଦ,'' ଏବଂ ତତ୍‌କ୍ଷଣାତ୍ ମୂର୍ଚ୍ଛା ଯାଇଥିଲେ।

ଈଶ୍ୱରପ୍ରାପ୍ତି ପାଇଁ ଅନ୍ତରାତ୍ମାର ସମ୍ପୂର୍ଣ୍ଣ ସମର୍ପଣ ଚେତନା ମାନବବାଦରେ ଏକ ପରିବର୍ତ୍ତନ ଆଣିଛି। ଉତ୍କଳୀୟ ସଂସ୍କୃତିର ଏହି ଅମର କୃତି ଯୁଗପତ୍ ବିଶ୍ୱ ଧର୍ମଧାରାକୁ ପରିପୁଷ୍ଟ କରୁଥିବ, ଏଥିରେ ସନ୍ଦେହ ନାହିଁ ।

---

ସିଜୁପୁଟ, ଟମାଣ୍ଡୋ, ଖୋର୍ଦ୍ଧା